# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 August – 2025

*********************************

## ମୁଖ୍ୟ ସମ୍ବାଦ

- ସମସ୍ତଙ୍କର ବିଚାର ଏବଂ ପରାମର୍ଶକୁ ନେଇ ଏଜେଣ୍ଡା ଭୁବନେଶ୍ୱର-୨୦୨୫ ପ୍ରସ୍ତୁତ; କହିଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା
- 'ମନ କି ବାତ୍'ର ୧୨୫ତମ ସଂସ୍କରଣରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ
- ଭିତରକନିକା ଜାତୀୟ ଉଦ୍ୟାନରେ ଆଜିଠାରୁ ଆରମ୍ଭ ହେଲା ଦେଶୀୟ ପକ୍ଷୀ ଗଣନା
- ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ନିକଟରେ ଅନୁଷ୍ଠିତ ହେବ କେକେସି ବଧ ପ୍ରସ୍ତାବ

ଏବଂ

- ସମୁଦ୍ରକୂଳକୁ ସ୍ୱଚ୍ଛ ରଖିବା ନେଇ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବେଳାଭୂମି ଦିବସ

# ଦୁଇଦିନିଆ ସମ୍ମିଳନୀ ଉଦ୍‌ଯାପନୀ

ଭୁବନେଶ୍ୱର ଲୋକସେବା ଭବନରେ ଚାଲିଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ପାଇଁ ସଂସଦୀୟ କମିଟିର ଜାତୀୟ ସମ୍ମିଳନୀର ଆଜି ଉଦ୍‌ଯାପନୀ ଦିବସ। ସମ୍ମିଳନୀରେ ଯୋଗଦେଇ ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ସମସ୍ତଙ୍କର ବିଚାର ଏବଂ ପରାମର୍ଶକୁ ନେଇ ଏଜେଣ୍ଡା ଭୁବନେଶ୍ୱର–୨୦୨୫ ପ୍ରସ୍ତୁତ ହୋଇଛି। ଦେଶର ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ ପାଇଁ ଏହା ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବ। ୨୦୪୭ ମସିହା ସୁଦ୍ଧା ଏହି ଏଜେଣ୍ଡା ଏକ ସମତା ଓ ନ୍ୟାୟପୂର୍ଣ୍ଣ ସମାବେଶୀ ସମାଜ ନିର୍ମାଣ ନିଶ୍ଚିତ କରିବ ବୋଲି ଶ୍ରୀ ବିର୍ଲା କହିଛନ୍ତି।

**- V/O -**

ବାଚସ୍ପତି ଶ୍ରୀ ବିର୍ଲା କହିଛନ୍ତି, ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ କମିଟି ସଦସ୍ୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦୁଇଦିନର ଏହି ସମ୍ମିଳନୀ ମହତ୍ତ୍ୱପୂର୍ଣ୍ଣ ବିଚାର, ଅନୁଭବ ଓ ନବସୃଜନକୁ ଉପଯୋଗ କରି ସଂସଦୀୟ ସମିତି ମାଧ୍ୟମରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ କରାଯାଇପାରିବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ଶିକ୍ଷା ବର୍ଷ ପାଇଁ ଅର୍ଥ ମଧ୍ୟ ଆବଣ୍ଟିତ କରିଛନ୍ତି। ସଂସଦୀୟ ସମିତି ଗୁଡ଼ିକ

ଏହାର ବ୍ୟାପକ ଆକଳନ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ସମିତିଗୁଡ଼ିକ ସରକାରଙ୍କୁ ରଚନାତ୍ମକ ପରାମର୍ଶ ଦେବା ଉଚିତ ବୋଲି ବାଚସ୍ପତି କହିଛନ୍ତି।

ସମାରୋହରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ ଯୋଗଦେଇ କହିଛନ୍ତି, ପ୍ରାୟ ୩୧ ଜଣ ପ୍ରତିନିଧି ୩୨ଟି ମହତ୍ତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରିଛନ୍ତି। ସେଥିମଧ୍ୟରେ ଶିକ୍ଷା, ଉଚ୍ଚଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତିକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି, ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକମାନେ ଭାରତର ଇତିହାସ, ଐତିହ୍ୟ ଓ ସଂସ୍କୃତିକୁ ସୁରକ୍ଷା ଦେଇ ଆସିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ଏହି କାର୍ଯ୍ୟକ୍ରମ ସଫଳ କରିବା ଦିଗରେ ସହାୟକ ହେବ ବୋଲି ରାଜ୍ୟପାଳ ଆଶାବ୍ୟକ୍ତ କରିଛନ୍ତି। ବାଚସ୍ପତି ସୁରମା ପାଢ଼ି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

Desk

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ

ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୫ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

Desk

# ଭିତରକନିକା-ପକ୍ଷୀଗଣନା

ଭିତରକନିକା ଜାତୀୟ ଉଦ୍ୟାନରେ ଆଜିଠାରୁ ଦେଶୀୟ ପକ୍ଷୀଙ୍କ ଗଣନା ଆରମ୍ଭ ହୋଇଛି । ସକାଳ ୬ଟାରୁ ପକ୍ଷୀଗଣନା ଆରମ୍ଭ ହୋଇ ଦିନ ୧୨ଟା ପର୍ଯ୍ୟନ୍ତ ଜାରି ରହିଥିଲା । ଜାତୀୟ ଉଦ୍ୟାନରେ ଥିବା ମ୦ ଆଡିଆ ଏବଂ ଉଦ୍ୟାନ ବାହାରେ ବ୍ରାହ୍ମଣୀନଦୀସ୍ଥିତ ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ବାଲିଡିଆରେ ପକ୍ଷୀଗଣନା କରାଯାଇଛି । ଗଣନାରେ ୩ଟି ଦଳ ସାମିଲ ହୋଇଥିବା ନେଇ ରାଜନଗର ବନଖଣ୍ଡ ଅଧିକାରୀ କହିଛନ୍ତି । ବର୍ଷାଋତୁ ଆରମ୍ଭରେ ଦେଶୀୟ ପକ୍ଷୀମାନେ ବଂଶବିସ୍ତାର ପାଇଁ ଦେଶର ବିଭିନ୍ନ ଭାଗରୁ ଭିତରକନିକା ଜାତୀୟ ଉଦ୍ୟାନକୁ ଆସିଥାନ୍ତି । ପକ୍ଷୀଗଣନା ପାଇଁ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ସୋମବାର ପର୍ଯ୍ୟନ୍ତ ଭିତରକନିକା ଉଦ୍ୟାନ ବନ୍ଦ ରହିବ ।

Sambalpur

# ପଥ ଉତ୍ସବ

ସମ୍ବଲପୁର ମହାନିଗର ନିଗମ ପକ୍ଷରୁ ମହାନଦୀ ରିଭର ଫ୍ରଣ୍ଟରେ ଆଜି ପଥ ଉତ୍ସବ ଆରମ୍ଭ ହୋଇଯାଇଛି। ଉତ୍ସବରେ ଯୋଗ, ଜୁମ୍ବା ଡ୍ୟାନ୍ସ, ଲାଇଭ୍ ପେଣ୍ଟିଂ, ସ୍ୱାସ୍ଥ୍ୟପରୀକ୍ଷା ସମେତ ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ମହାନଗର ନିଗମ କମିଶନର ରୋନ କ୍ଷେତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଏଭଳି କାର୍ଯ୍ୟକ୍ରମ ମହାନଗର ନିଗମ ପକ୍ଷରୁ ଆୟୋଜନ କରାଯାଉଛି।

HS

# ଗୋଟିପୁଅ ନୃତ୍ୟ

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଲୋକକଳା ସଂଘର ମିଳିତ ସହଯୋଗରେ ଆଜିଠୁ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଆରମ୍ଭ ହେବ। ମହୋତ୍ସବ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଥିବା ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହେବ। ମହୋତ୍ସବରେ ୨୦ଟି ନୃତ୍ୟଦଳ ଅଂଶଗ୍ରହଣ କରିବେ। ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ

ପରିବେଷଣ ସହ ଗାୟନ, ବାଦନ, ବିକାଶ, ମୌଳିକତା ଓ ବେଶ ପୋଷାକ ଶୀର୍ଷକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ ।

Desk

# ଜିଡିପି

୨୦୨୫-୨୬ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକରେ ଭାରତର ଜିଡିପି ୭ ଦଶମିକ ୮ ପ୍ରତିଶତ ହାରରେ ଅଭିବୃଦ୍ଧି ପାଇଛି ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ  ସୂଚନା ମିଳିଛି । ଏହା ଗତ ପାଞ୍ଚ ତ୍ରୈମାସିକରେ ସର୍ବୋଚ୍ଚ ସ୍ତର ଏବଂ ବିଶେଷଜ୍ଞଙ୍କ ଆକଳନଠାରୁ ଅଧିକା ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ପୂର୍ବରୁ, ୨୦୨୫ର ଶେଷ ତ୍ରୈମାସିକରେ ଜିଡିପି ୭ ଦଶମିକ ୪ ପ୍ରତିଶତ ଏବଂ ଗତ ବର୍ଷ ସମାନ ତ୍ରୈମାସିକରେ ୬ ଦଶମିକ ୭ ପ୍ରତିଶତ ଥିଲା । ଜିଡିପିର ଏହି ଅଭିବୃଦ୍ଧି ଭାରତୀୟ ଅର୍ଥନୀତିର ମଜଭୁତ ଦିଗକୁ ଦର୍ଶାଉଛି । ଏ ସମ୍ପର୍କରେ ବିଶିଷ୍ଟ ଅର୍ଥନୀତିଜ୍ଞ ରାଜୀବ ସାହୁ ଆକାଶବାଣୀକୁ ପ୍ରତିକ୍ରିୟାରେ କହନ୍ତି...

**- V/O –**

BHK

# ଏନ୍‌ଏସି- ପ୍ରଥମ ସ୍ଥାନ

ଭଦ୍ରକ ଜିଲ୍ଲା ଧାମନଗର ଏନ୍.ଏ.ସି. ରାଜସ୍ୱ କର ଆଦାୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ନେଇ ବିଜ୍ଞାପିତ ପରିଷଦ ନିର୍ବାହୀ ଅଧିକାରୀ, ଟିକସ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି । ଧାମନଗର ବିଧାୟକ ତଥା

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଏନ୍.ଏ.ସି.ର ଅଧିକାରୀଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ଦ୍ୱିତୀୟ ସ୍ଥାନରେ କୋରାପୁଟ ଏବଂ ତୃତୀୟରେ ବାଲେଶ୍ୱର ଜିଲ୍ଲା ରେମୁଣା ଏନ୍.ଏ.ସି. ସ୍ଥାନ ଅଧିକାର କରିଛି। ଆସନ୍ତାକାଲି ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏହି ତିନୋଟି ବିଜ୍ଞାପିତ ଅଞ୍ଚଳକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ କୋଟି ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

Puri

## ମହାପ୍ରଭୁ ଅନଲାଇନ୍ ବିଜ୍ଞାପନ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାକୁ ନେଇ ଅନଲାଇନ୍‌ରେ ପ୍ରକାଶ ପାଇଥିବା ବିଜ୍ଞାପନ ଉପରେ ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଇଛି। 'ପୂଜା ସେବା' ନାମକ ଏକ ଆପ୍ ମାଧ୍ୟମରେ ବିଭ୍ରାଟପୂର୍ଣ୍ଣ ବିଜ୍ଞାପନ ଦେଖିବାକୁ ମିଳିଛି। ଚାରି ପ୍ରକାରର ପୂଜା ପାଇଁ ଅଲଗା ଅଲଗା ମୂଲ୍ୟକୁ ନେଇ ସେବାୟତ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଶ୍ରଦ୍ଧାଳୁମାନେ ବାରମ୍ବାର ଅନଲାଇନ୍‌ରେ ଠକେଇ ହେଉଛନ୍ତି ବୋଲି ଶ୍ରୀମନ୍ଦିର ପୁଲିସ ପ୍ରଶାସନ ଏଭଳି ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେବାୟତଙ୍କ ପକ୍ଷରୁ ଦାବି କରାଯାଇଛି। ଅନ୍ୟପକ୍ଷରେ ଏଭଳି ଘଟଣାକୁ ନେଇ ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ କହିଛନ୍ତି, ସାଇବର ବିଶେଷଜ୍ଞଙ୍କ ଦ୍ୱାରା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**- V/O –**

Puri

# କେକେସି ବଧ

ପୁରୀ ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳ ସପ୍ତମୀ ତିଥିରେ ଆଜି ସନ୍ଧ୍ୟାଧୂପ ପରେ ମହାପ୍ରଭୁଙ୍କ ନିକଟରେ କେକେସି ବଧ ପ୍ରସ୍ତାବ ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ, ମଦନମୋହନ ରତ୍ନସିଂହାସନକୁ ବିଜେ କରି ଜଗନ୍ନାଥଙ୍କ ବାଡ଼ରୁ ଆଜ୍ଞାମାଳ ଆସିବା ପରେ ନାଟ ମଣ୍ଡପସ୍ଥିତ ଖଟ ଉପରକୁ ବିଜେ କରିବେ। ପରେ ପ୍ରଭୁଙ୍କ ନିକଟରେ କାଳିକା ଦେବୀ ସାହି ଲୋକେ କେକେସି ବଧ ପ୍ରସ୍ତାବ ଦେବେ। କାଳିକା ଦେବୀ ସାହିରୁ ଏହି ଲୀଳା କରିବା ପାଇଁ ଜଣେ ଭକ୍ତ ବେଶ ହୋଇ ସ୍ୱତନ୍ତ୍ର ଭାବେ ଉପସ୍ଥିତ ହେବେ ଏବଂ ନାଟ ମଣ୍ଡପରେ ଏହା ଅନୁଷ୍ଠିତ ହେବ। ଶୀତଳ ଭୋଗ ଓ ବନ୍ଦାପନା ପରେ ଦକ୍ଷିଣୀ ଘରକୁ ମହାପ୍ରଭୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି।

Desk

# ବେଳାଭୂମି ଦିବସ

ସମୁଦ୍ର କୂଳର ପ୍ରାଚୁର୍ଯ୍ୟତାକୁ ଉପଭୋଗ କରିବା ଏବଂ ସମୁଦ୍ର କୂଳକୁ ପରିଷ୍କାର ରଖିବା ନେଇ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବେଳାଭୂମି ଦିବସ ପାଳନ କରାଯାଉଛି । ସମୁଦ୍ରକୂଳକୁ ସଫା ରଖିବା, ସମୁଦ୍ର କୂଳର ସଂରକ୍ଷଣ ଏବଂ ସାମୁଦ୍ରିକ ଜୀବଙ୍କର ସୁରକ୍ଷା ସମ୍ବନ୍ଧରେ କାମ କରୁଥିବା ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ଓ ସଚେତନ ସୃଷ୍ଟି କରିବା ପାଇଁ ୨୦୧୪ ମସିହାରୁ ଏହି ଦିବସ ପାଳନ କରାଯାଉଛି ।